THE PRAMEYA, DT:19.02.2018

## ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଶିଳାନ୍ୟାସ କଲେ ରାଷ୍ଟ୍ରପତି

# ୧୦ବର୍ଷରେ ୫୦ହଜାରଙ୍କୁ ପ୍ରଶିକ୍ଷଣ



ଭୁବନେଶ୍ୱର,୧୮।୩(ବ୍ୟୁରୋ): ସ୍କିଲ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍(ଏସଡିଆଇ) ଓଡ଼ିଶାର ଯୁବବର୍ଗଙ୍କ ପାଇଁ ପ୍ରଶିକ୍ଷଣର ହବ୍ ପାଲଟିବ। ଆଗାମୀ ୧୦ ବର୍ଷ ମଧ୍ୟରେ ଏଠାରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ତାଲିମ୍ ଦିଆଯିବ। ହାଇଡ୍ରୋକାର୍ବନ କ୍ଷେତ୍ରରେ ଯୁବ ଛାତ୍ରଛାତ୍ରୀଙ୍କୁ କମ୍ ଅବଧି ପାଠ୍ୟକ୍ରମର ପ୍ରଶିକ୍ଷଣ ମିଳିବ। ହାଇଡ୍ରୋକାର୍ବନ କ୍ଷେତ୍ରରେ ଏହା ଦେଶର ପ୍ରଥମ ଦକ୍ଷତା ବିକାଶ ସଂସ୍ଥାନ ହେବ। ଏସ୍‌ଡିଆଇର ଶିଳାନ୍ୟାସ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା କହିଛନ୍ତି।

ଆଜି ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ରେ ଆୟୋଜିତ ସମାବର୍ତ୍ତନ ଉତ୍ସବ ମଞ୍ଚରୁ ରାଷ୍ଟ୍ରପତି ଏହି ଏସ୍‌ଡିଆଇର ଶିଳାନ୍ୟାସ ସମେତ ଆଇସିଟି (ଦ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି)ର ଭୁବନେଶ୍ୱର ଅସ୍ଥାୟୀ କ୍ୟାମ୍ପସ୍‌କୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଏହି ଦୁଇ ଅନୁଷ୍ଠାନ ଆରମ୍ଭ ହେବା ଓଡ଼ିଶାର ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଆଇସିଟି ଏକ ଜାତୀୟସ୍ତରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ଦ୍ୱାଦଶ ପାସ୍ ପରେ ଆଇସିଟି ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍‌ଟେକ୍ ପ୍ରୋଗ୍ରାମ, ଏକଜିକ୍ୟୁଟିଭ୍ ଏମ୍‌ଟେକ ପ୍ରୋଗ୍ରାମ ସହ ପିଏଚ୍‌ଡି ପାଠ୍ୟକ୍ରମ ଦିଆଯିବ। ଏହା ରାଜ୍ୟ ତଥା ଦେଶରେ ଉନ୍ନତ ମାନବ ସମ୍ବଳ ସୃଷ୍ଟି କରିବ। ଏହି ଦୁଇ ଅନୁଷ୍ଠାନ ଖୋଲିବାରେ ପ୍ରମୁଖ ଭୂମିକା ନେଇଥିବାରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଜଣାଇଥିଲେ।

ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଶିଳାନ୍ୟାସ ଓ ଉଦ୍‌ଘାଟନ ପର୍ବରେ ଉପସ୍ଥିତ ରହି କହିଥିଲେ, ଆଇସିଟି ଭଳି ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନର କ୍ୟାମ୍ପସ୍ ଓଡ଼ିଶାରେ ଖୋଲିବା ଏକ ଗର୍ବର କଥା। ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଆଇଓସିଏଲ୍ ସହ ଚୁକ୍ତି ହୋଇଛି।

### ଆଇସିଟି ଅସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନ

### ଭୁବନେଶ୍ୱର ଏସ୍‌ଡିଆଇ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦେଶର ପ୍ରଥମ ଦକ୍ଷତା ବିକାଶ ସଂସ୍ଥାନ ହେବ: ରାଷ୍ଟ୍ରପତି

### ଦକ୍ଷତାର ବିକାଶ ହେଲେ ଓଡ଼ିଆ ଶ୍ରେଷ୍ଠ ହେବ: ଧର୍ମେନ୍ଦ୍ର

ଆଇସିଟି- ଆଇଓସି କ୍ୟାମ୍ପସ୍‌ରେ ୫୦୦କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାମ୍ପସ୍ ତିଆରି ହେବ। ପେଟ୍ରୋଲିୟମ୍, ପଲିମର, କେମିକାଲ୍ ଓ ପେଟ୍ରୋକେମିକାଲ୍ ଭଳି କ୍ଷେତ୍ରରେ ଉତ୍ତମ ମାନବ ସମ୍ବଳ ନିର୍ମାଣରେ ଆଇସିଟି ସହାୟକ ହେବ।

ପଲିମର ଶିଳ୍ପ ଉପରେ ମତ ରଖି କହିଥିଲେ, ସମଗ୍ର ବିଶ୍ୱ ତଥା ଆମ ଦେଶରେ ପଲିମର୍‌ର ଚାହିଦା ଦ୍ରୁତ ବେଗରେ ବଢ଼ିଚାଲିଛି। ଏବେ ବିଶ୍ୱରେ ପଲିମର୍‌ର ଆବଶ୍ୟକତା ମୁଣ୍ଡପିଛା ୩୨କେଜି ରହିଛି। କିନ୍ତୁ ଏହାର ତୁଳନାରେ ଭାରତରେ ପଲିମରର ମୁଣ୍ଡପିଛା ଆବଶ୍ୟକତା ମାତ୍ର ୧୦କେଜି ଅଛି। ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ପୂର୍ବଭାରତ ରାଜ୍ୟରେ ଏହି ପରିମାଣ ରାଷ୍ଟ୍ରୀୟ ହାରର ମାତ୍ର ଅଧା ରହିଛି। ପୂର୍ବ ଭାରତରେ ପଲିମରର ଚାହିଦା ବଢୁଥିବାରୁ ପେଟ୍ରୋକେମିକାଲ୍ ଶିଳ୍ପର ମଧ୍ୟ ଦ୍ରୁତ ଅଭିବୃଦ୍ଧି ହେବ। ଏହି ଚାହିଦାକୁ ତାଳ ଦେଇ ଆଇସିଟି ଉତ୍ତମ ମାନବ ସମ୍ବଳ ଯୋଗାଇବ। ଆଇସିଟି କ୍ୟାମ୍ପସ୍ ବୌଦ୍ଧିକ ମେରୁଦଣ୍ଡର ଦାୟିତ୍ୱ ତୁଲାଇବ ବୋଲି ସେ କହିଥିଲେ। ୨୦୩୦ମସିହା ସୁଦ୍ଧା ପୂର୍ବ ଭାରତରେ ୩୦ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବାକୁ ଆକଳନ ହୋଇଛି। ଏଥିରେ ପ୍ରାୟ ୨୫ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ।

ଜଟଣୀର ତରାବୋଇରେ ସ୍କିଲ୍ ଡେଭଲପ୍‌ମେଣ୍ଟ ଇନଷ୍ଟିଚ୍ୟୁଟ୍(ଏସ୍‌ଡିଆଇ)ର ସ୍ଥାୟୀ କ୍ୟାମ୍ପସ୍ ଖୋଲିବ। ଏଥିରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ହେବ। ଏହା ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ ଓ ନିଯୁକ୍ତିର କେନ୍ଦ୍ରସ୍ଥଳ ହେବ। ଭାରତ ଖୁବ୍‌ଶୀଘ୍ର ଯୁବ ଜନସଂଖ୍ୟାର ଦେଶ ମାନ୍ୟତା ପାଇବାକୁ ଯାଉଛି। ଏଣୁ ଆଇସିଟି ଓ ଏସ୍‌ଡିଆଇ ପ୍ରତିଷ୍ଠା ହେଲେ ଯୁବକମାନେ ଏହାର ଫାଇଦା ପାଇବେ ଓ ଆଗକୁ ଯିବେ ବୋଲି ସେ କହିଥିଲେ।

ଶ୍ରୀ ପ୍ରଧାନ କ୍ଷୋଭ ପ୍ରକାଶ କରି କହିଥିଲେ, ଓଡ଼ିଶାରେ ଅପାର ସମ୍ଭାବନା ଅଛି। କିନ୍ତୁ ସେମାନଙ୍କୁ ଉପଯୁକ୍ତ ତାଲିମ୍ ମିଳୁନି। ଉପଯୁକ୍ତ ତାଲିମ ଅଭାବରୁ ଦେଶର ଅନ୍ୟ ରାଜ୍ୟ ତଥା ମଧ୍ୟପ୍ରାଚ୍ୟରେ ଓଡ଼ିଆମାନଙ୍କୁ ଗୋଟି ଶ୍ରମିକ ଭଳି ଖଟାଯାଉଛି। ଓଡ଼ିଶାର ଯୁବକଙ୍କ ଦକ୍ଷତା ବୃଦ୍ଧି ପାଇଁ ଏସ୍‌ଡିଆଇ କାମ କରିବ। ନିଜର ଏକ ଅନୁଭୂତି ବଖାଣି ସେ କହିଥିଲେ, ଗତବର୍ଷ କାଜାଖସ୍ତାନ ଗସ୍ତ ସମୟରେ ଓଡିଶାର ଜଣେ ଯୁବକଙ୍କ ସହ ଭେଟ ହୋଇଥିଲା। ସେ ଏକ ସାଧାରଣ କଲେଜରୁ ପାସ୍ କରି ଲକ୍ଷ ଲକ୍ଷ ଡଲାରର ଦରମାରେ ତୈଳ ସେବାକାରୀ ଭାବେ କାମ କରୁଥିଲେ। କାମ କରିବା ପାଇଁ ଓଡିଆ ଯୁବକର ଇଚ୍ଛାଶକ୍ତି କେତେ ବ୍ୟାପକ, ତା ଏଥିରୁ ପ୍ରମାଣିତ ହେଉଛି ବୋଲି ସେ କହିଥିଲେ। ଅନ୍ୟ ଏକ ଉଦାହରଣ ମଧ୍ୟ ସେ ରଖିଥିଲେ। ଓଡ଼ିଶାର ଗାଁ ସ୍କୁଲରେ ପଢ଼ିଥିବା ଜଣେ ପିଲା ହୋଟେଲ ମ୍ୟାନେଜମେଣ୍ଟ ଟ୍ରେନିଂ ନେଇ ରାଜସ୍ଥାନରେ ଚାକିରି କରୁଛି। ରାଜସ୍ଥାନର ଖାଦ୍ୟପେୟ ବାବଦରେ ଆଗନ୍ତୁକ ବିଦେଶୀମାନଙ୍କୁ ସେ ପ୍ରାଞ୍ଜଳ ଭାବେ ବୁଝାଉଥିବା ଦେଖି ସେ ବେଶ୍ ପ୍ରଭାବିତ ହୋଇଥିଲେ ବୋଲି ଧର୍ମେନ୍ଦ୍ର କହିଥିଲେ। ଓଡ଼ିଶାର ଦକ୍ଷତା ବିକାଶ କେନ୍ଦ୍ରଗୁଡିକ ଶିଳ୍ପ ଉପଯୋଗୀ ହେବା ଜରୁରୀ। କେରଳ ବା ରାଜସ୍ଥାନ ହେଉ କି ବାଲି ଓ ଶ୍ରୀଲଙ୍କାର ପର୍ଯ୍ୟଟନ କ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂଆ ପଦ୍ଧତିକୁ ଆମ ଯୁବବର୍ଗମାନେ ଆଦରିବା ଆବଶ୍ୟକ ବୋଲି ସେ କହିଥିଲେ।